**ଭାରତୀୟ ପାର୍ଲିଆମେଣ୍ଟ ଉପରେ ଆକ୍ରମଣ କରିଥିବା ଆତଙ୍କବାଦୀ ଆଫଜଲ ଗୁରୁର ଫାଶୀ ସମ୍ବନ୍ଧରେ.......**

**ଅରୁଣ ଜେଟଲୀ**

୧୩.୧୨.୨୦୦୧ ରେ ଭାରତର ପାର୍ଲିଆମେଣ୍ଟ ଉପରେ ଏକ ବିରାଟ ଆକ୍ରମଣ ହୋଇଥିଲା । ପାର୍ଲିଆମେଣ୍ଟର କିଛି ସଂଖ୍ୟକ ସୁରକ୍ଷା କର୍ମୀ ତଥା ପୋଲିସ କର୍ମଚାରୀ ନିଜ ଜୀବନକୁ ବାଜି ଲଗାଇ ପାର୍ଲିମେଣ୍ଟ ଭିତରେ ଥିବା ସମସ୍ତ ସଦସ୍ୟଙ୍କ ଜୀବନ ରକ୍ଷା କରିଥିଲେ । ଯେଉଁଥିପାଇଁ ସମଗ୍ର ଭାରତ ଏକ ସ୍ୱରରେ ନିଜର କ୍ରୋଧ ପ୍ରକାଶ କରିବା ସହ ଦୋଷୀକୁ ଉପଯୁକ୍ତ ଦଣ୍ଡ ଦେବାପାଇଁ ପ୍ରତିଶ୍ରୁତି ବଦ୍ଧ ହୋଇଥିଲା । ଆମର ବୀର ସୁରକ୍ଷା କର୍ମୀମାନେ ଉକ୍ତ ଘଟଣା ସ୍ଥଳରେ ହିଁ ଆକ୍ରମଣକାରୀଙ୍କର ପରିସମାପ୍ତି କରିଥିଲେ ଓ ଧରା ପଡ଼ିଥିବା ଅନ୍ୟ ଷଡ଼ଜନ୍ତ୍ରକାରୀମାନଙ୍କର ତଦନ୍ତ ହୋଇ ସେମାନେ ମଧ୍ୟ ଦୋଷୀ ବୋଲି ସାବ୍ୟସ୍ତ ହୋଇଛନ୍ତି । ଯାହା ଫଳରେ ପାର୍ଲିଆମେଣ୍ଟ ମଧ୍ୟକୁ କୌଣସି ଆତଙ୍କବାଦୀ ପ୍ରବେଶ କରିପାରିନଥିଲେ ଓ ସେମାନଙ୍କର ଦେଶର ବହୁ ସଂଖ୍ୟକ ନେତୃବୃନ୍ଦଙ୍କୁ ମାରିବାର ଯୋଜନା ସଫଳ ରୂପାୟନ ହୋଇପାରିନଥିଲା ।

ଆମେ ଏପରି ଅନେକ ଆତଙ୍କବାଦ ଦେଖି ଆସିଛୁ । ସେଥିରୁ କିଛି ସୀମାନ୍ତ ଅଞ୍ଚଳରେ ଯୋଜନା କରାଯାଇ ଦେଶରେ କାର୍ଯ୍ୟକାରୀ ହୁଏ ।  ଭାରତୀୟ ପାର୍ଲିଆମେଣ୍ଟ, ଜାମ୍ମୁ କାଶ୍ମୀରର ଆସେମ୍ଲୀ, ଅକ୍ଷରଧାମ ମନ୍ଦିର ଓ ମୁମ୍ବାଇ ସହର ଉପରେ ହୋଇଥିବା ଆକ୍ରମଣ ସେସବୁର ନିଦର୍ଶନ । ଯେଉଁଗୁଡ଼ିକ ଭାରତୀୟ ସମ୍ବିଧାନ, ଅଖଣ୍ଡତା, ସାଂସ୍କୃତିକ ପରମ୍ପରା ଓ ଅର୍ଥନୀତିର ଗୋଟିଏ ଗୋଟିଏ ସ୍ତମ୍ଭମାନ । ଭାରତୀୟ ପାର୍ଲିଆମେଣ୍ଟ ଉପରେ ଆକ୍ରମଣ ଭାରତ ସହ ଆକ୍ରମଣ କହିଲେ ଭୁଲ ହେବନାହିଁ । ତେଣୁ ସମଗ୍ର ଭାରତ ଉକ୍ତ ଆକ୍ରମଣର ତୀବ୍ର ନିନ୍ଦା କରେ ।

ଭାରତୀୟ ସମାଜ ନୀତି ଓ ନିୟମ ଦ୍ୱାରା ପରିଚାଳିତ ହୋଇଥାଏ । ଉକ୍ତ ଆକ୍ରମଣର ତଦନ୍ତ ପ୍ରଥମେ ପୋଲିସ ଦ୍ୱାରା କୋର୍ଟରେ କରାଯାଇଥିଲା । କୋର୍ଟର ଶୁଣାଣି ପରେ ତାହା ହାଇକୋର୍ଟକୁ ଓ ପରେ ସୁପ୍ରିମ କୋର୍ଟକୁ ପ୍ରେରଣ କରାଯାଇଥିଲା । କୋର୍ଟ ସମସ୍ତ ସାକ୍ଷୀ ଓ ପ୍ରମାଣକୁ ପରୀକ୍ଷା କରି ଦୋଷୀ ଆଫଜଲ ଗୁରୁକୁ  ମୃତ୍ୟୁ ଦଣ୍ଡାଦେଶ ଶୁଣାଇଥିଲା । ମାତ୍ର ଦୋଷୀର ରାଷ୍ଟ୍ରପତିଙ୍କୁ କ୍ଷମା ପାର୍ଥନା ଆବେଦନ ଫଳରେ ଦଣ୍ଡାଦେଶର କାର୍ଯ୍ୟକାରୀତା ପାଇଁ ବିଳମ୍ବ ହୋଇଥିଲା । ରାଷ୍ଟ୍ରପତିଙ୍କ

ଦ୍ୱାରା ତାହାର କ୍ଷମା ପ୍ରାର୍ଥନା ଆବେଦନ ଅଗ୍ରାହ୍ୟ  ହେବା ଫଳରେ ଶେଷରେ ଆଇନ ତାହାର ଉଚିତ ପଦକ୍ଷେପ ଗ୍ରହଣ କରିଥିଲା । ଜନସାଧରଣଙ୍କ ମତାମତ ସରକାରଙ୍କୁ ଉପଯୁକ୍ତ ନିଷ୍ପତ୍ତି ନେବା ପାଇଁ ବାଧ୍ୟ କରାଇଥିଲା । ତେଣୁ ଭାରତ ଆଜି ଆଫଜଲ ଗୁରୁ ଭଳି ଜଘନ୍ୟ ଆତଙ୍କବାଦୀକୁ ଫାଶୀ ଦେବା ଫଳରେ ସମଗ୍ର ବିଶ୍ୱକୁ ନିଜେ ଦୁର୍ବଳ ନୁହେଁ ବୋଲି ଦର୍ଶାଇ ଦେଇଛି ଓ ଦେଶର ଅଖଣ୍ଡତା ତଥା ପରମ୍ପରାକୁ ଯେ କେହି ମଧ୍ୟ ଆଘାତ ଦେବ ତାକୁ ନିଶ୍ଚୟ କୈଫତ ଦେବାକୁ ହେବ ବୋଲି କହିଅଛି । ଯଦିଓ ବିଳମ୍ବରେ ହୋଇଅଛି, ତଥାପି ଉପଯୁକ୍ତ ନ୍ୟାୟ ହୋଇଅଛି ।